ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଜୁଲାଇ ୧୬**

# ସର୍ବଦା ସେ ଆମ ପାଖରେ...

**ଡକ୍ଟର ସୁରେଶ କୁମାର ନାୟକ**

ସତରେ ଆମ ଭଗବାନ, ଗୁରୁ, ଇଷ୍ଟ ବା ଆଧାତ୍ମିକ ମାର୍ଗ ଦର୍ଶକମାନେ କ'ଣ ସଦାସର୍ବଦା ଆମ ପାଖରେ ଦିବ୍ୟ ଉପସ୍ଥିତିକୁ ହୃଦୟ ଭିତରେ ବିରାଜିତ ହୋଇ ଦିଗଦର୍ଶନ ଦେଇଥାନ୍ତି ? ଏହିପରି ଅନେକ ପ୍ରଶ୍ନ ଅନେକଙ୍କ ଭିତରେ ଉଠିବା ସ୍ୱାଭାବିକ । ସତ୍ୟ ଯୁଗରେ ଅଧିକାଂଶ ଲୋକ ଆଧାତ୍ମିକ ଜୀବନକୁ ପ୍ରକୃତ ଜୀବନ ରୂପେ ଗ୍ରହଣ କରୁଥିଲେ । ଏବଂ ସାଂସାରିକ ଜୀବନଚର୍ଯ୍ୟା ତାଙ୍କ ପ୍ରତି ବିଶେଷ ଗୁରୁତ୍ୱ ନଥିଲା । ସେମାନଙ୍କର ହୃଦବୋଧ ଥିଲା ଯେ ଏହା କ୍ଷଣସ୍ଥାୟୀ, ମାୟାପୂର୍ଣ୍ଣ ଓ ଯନ୍ତ୍ରଣାଦାୟକ, ମହାନ ଋଷିମାନେ ସେ ସମୟର ଈଶ୍ୱରାନୁଭୂତି ଲାଭ କରିଥିବାରୁ ପ୍ରତ୍ୟେକ ଲୋକଙ୍କର ଆଧାତ୍ମିକ ବିବର୍ତନ ଓ ସଦ ଜୀବନ ନିମନ୍ତେ ପ୍ରଣୀତ ନୀତି ଓ ଶୃଙ୍ଖଳା ଆଧାରିତ ଏକ ସାମାଜିକ ବ୍ୟବସ୍ଥା ପ୍ରଣୟନ କଲେ । ଗୁରୁଦେବ ପରମହଂସ ପ୍ରଜ୍ଞାନନନ୍ଦଙ୍କ ଶିକ୍ଷା ଜୀବନୀକୁ ଅନୁଶୀଳନ କଲେ । ସେ ପ୍ରଦାନ କରିଥିବା ଦିଗଦର୍ଶନ ଓ ଜୀବନ ଚିନ୍ତନର ପରାମର୍ଶକୁ ଯଥାର୍ଥ ଦୃଷ୍ଟିରେ ଅନୁସରଣ କରାଗଲେ ସାମ୍ପ୍ରତିକ ବିଶ୍ୱରେ ଆଧାତ୍ମିକ ବିବର୍ତନ ନିମନ୍ତେ ସବୁଠାରୁ ସହଜ ମାର୍ଗ ବୋଲି ମନେହୁଏ । ହିନ୍ଦୁ ଧର୍ମଗ୍ରନ୍ଥ ଅନୁସାରେ ସତ୍ୟ ଯୁଗରେ ଆଧାତ୍ମିକ ବିବର୍ତନ କାମନା କରୁଥିବା ଅଧିକାଂଶ ଲୋକ ଧ୍ୟାନ ଏବଂ ସଦାଚାର ଜୀବନର ମାର୍ଗ ଅନୁସରଣ କରୁଥିଲେ । ତ୍ରେତୟା ଓ ଦ୍ୱାପର ଯୁଗରେ ଯୋଗ ଓ ଯଜ୍ଞ ଆଧାତ୍ମିକ ବିବର୍ତନର ମାର୍ଗ ରୂପେ ପରିଣତ ହେଲା । ସେହି ସମୟରେ ଲୋକମାନେ ଶୁଦ୍ଧପୂତ ଜୀବନ ଯାପନକୁ ଅଗ୍ରାଧିକାର ଦେଇ ମୋକ୍ଷ ଏବଂ ଈଶ୍ୱର ସାକ୍ଷାତକାର ମାର୍ଗରେ ଅଗ୍ରସର ହେଲେ ।

ଆମେ ଆମ ନିତିଦିନିଆ ଜାଗତିକ ମହାଚ୍ଛନ୍ନ ସଂସାର ଭିତରେ ଈଶ୍ୱରଙ୍କ ସୃଷ୍ଟିର ସୂକ୍ଷ୍ମତତ୍ୱକୁ ବୁଝିବାରେ ସମର୍ଥ ହୋଇପାରୁନାହୁଁ । ଏହି ପୃଷ୍ଠଭୂମିରେ ସବୁଠାରୁ ସରଳ ମାର୍ଗ ହେଉଛି ନାମ ସ୍ମରଣ କିମ୍ବା ଭଗବାନ ଅଥବା ସଦଗୁରୁ ବା ନିଜ ଇଷ୍ଟଙ୍କ ନାମ ନିରବଚ୍ଛିନ୍ନ ଭାବେ ସ୍ମରଣ କରିବା । ପୂର୍ବ ଯୁଗ ମାନଙ୍କରେ ବହୁ ସନ୍ଥ ସାଂସାରିକ ଜୀବନ ମଧ୍ୟରେ ରହି ଈଶ୍ୱରସାକ୍ଷାତକାର କରିଥିବା ଦୃଷ୍ଟାନ୍ତ ରହିଛି । ପ୍ରାଚୀନ ଋଷିଙ୍କ ମଧ୍ୟରେ ଅତ୍ରି, ଗୌତମଙ୍କର ପରିବାର ଥିଲା କିନ୍ତୁ ନୀତିନିଷ୍ଠ ଓ ଅନୁଶୀଳନ ଯୁକ୍ତ କଠୋର ଆଧାତ୍ମିକ ସାଧନା ମାଧ୍ୟମରେ ସେମାନେ ନିଜର ଆଧାତ୍ମିକ ଉନ୍ନତି ଘଟାଇଥିଲେ ମାତ୍ର ଆଜିର ମନୁଷ୍ୟ ସଂସାରର ମାୟା ଜାଲରେ ଏପରି ଛନ୍ଦି ହୋଇଯାଇଛି ଯେ ସେ ଭାବୁଛି କି ଏଥିରୁ ଆଉ ମୁକ୍ତି ପାଇବା ତା ପକ୍ଷରେ ସମ୍ଭବ ନୁହେଁ । ଆଧାତ୍ମିକ ଉନ୍ନତି ନିମିତ ମାୟା ଜାଲରୁ ମୁକୁଳି ଏକ ଦିବ୍ୟ ମାର୍ଗ ଅନ୍ୱେଷଣ କରୁଥିଲେ ମଧ୍ୟ ସମସ୍ତେ ଯାବତୀୟ ଜଞ୍ଜାଳରୁ ମୁକ୍ତ ହୋଇପାରୁନାହାଁନ୍ତି । ସମସ୍ତ ପ୍ରକା ବୈଷୟିକ ଓ ବୈଜ୍ଞାନିକ ସୁବିଧାର ଅଧିକାରୀ ହୋଇଥିବା ସତ୍ୱେ ଏକ ପ୍ରକାର ହତାଶା, ଶୂନ୍ୟତା, ନୈରାଶ୍ୟ, ଅଭାବବୋଧ ଓ ଅସ୍ଥିରତାର ଜୀବନ ନିର୍ବାହ କରୁଛି । ଗୁରୁଦେବ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜଙ୍କ ଜୀବନ ଚରିତ ଓ ତାଙ୍କ ଦିଗଦର୍ଶନ ଅନୁଶୀଳନ କଲେ ଜଣାଯାଏ ଯେ ପାର୍ଥିବ ଜଞ୍ଜାଳଗ୍ରସ୍ତ ଏପରି ଗୃହୀ ଲୋକଙ୍କୁ ପ୍ରତ୍ୟେକ ଉପଲବ୍ଧି ବା ଅଲିକ୍ଷିତ ଅନୁଭୂତି ମାଧ୍ୟମରେ ସେମାନଙ୍କ ଆଧାତ୍ମିକ ଉନ୍ନତି ନିମିତ ସେମାନଙ୍କ ଜୀବନକୁ ଶାନ୍ତିମୟ କରିବା ନିମନ୍ତ ପ୍ରୟାସ କରୁଛନ୍ତି । ଗୁରୁଦେବଙ୍କ ସବୁଠାରୁ ମହତ୍ୱପୂର୍ଣ୍ଣ ଅବଦାନ ହେଉଛି କଳିଯୁଗର ଏହି ଘୂର୍ଣ୍ଣି ବତାସପୂର୍ଣ୍ଣ ତମସାଚ୍ଛନ୍ନ ସାଗର ମଧ୍ୟରେ ଏକ ବତୀଘର ଭଳି ସେ ଦଣ୍ଡାୟମାନ ହୋଇଛନ୍ତି ଏବଂ ତାଙ୍କର ଆଶ୍ରିତ ଶ୍ରଦ୍ଧାଳୁମାନଙ୍କୁ ପ୍ରେମପୂର୍ଣ୍ଣ ଦିବ୍ୟବାଣୀର ଜୀବନ ଚେତନାର ମୂର୍ଚ୍ଛନା ଶୁଣାଇ ତାଙ୍କର ପ୍ରେମପୂର୍ଣ୍ଣ କାରୁଣିକ ହସ୍ତ ସେମାନଙ୍କ ଉପରେ ରଖି ବରାଭୟ ପ୍ରଦାନ କରୁଛନ୍ତି । ଗୁରୁଦେବଙ୍କ ଆହ୍ୱାନ ଓ ଆନନ୍ଦମୟ ଚେତନା ହେଉଛି 'ତୁମ ଗୁରୁଦେବ ଯେତେବେଳେ ତୁମ ସହ ଅଛନ୍ତି ଭୟ କାହିଁ କରୁଛ ?' ସେ ସଂସାରର ଘୂର୍ଣ୍ଣିଳ ମାୟା ଜାଲରେ ହଜି ଯାଇଥିବା ଆଧାତ୍ମିକ ମୁମୁକ୍ଷୁ ମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛନ୍ତି ଯେ 'କଳିଯୁଗର ଏହି କଳୁଷିତ ପୃଥିବୀରେ ନାନା ପରୀକ୍ଷା ଓ ଦୁଃଖକଷ୍ଟ ମଧ୍ୟରେ ତୁମେ ଆଧାତ୍ମିକ ଉନ୍ନତି କରି ଈଶ୍ୱରଙ୍କ ଅନୁଭୂତି ଲାଭ କରିପାରିବ ଏଥିପାଇଁ କଠିନତମ ଯୋଗ, ତପ, ଧ୍ୟାନର ସାଧନା କରିବା ଦରକାର ନାହିଁ । କେବଳ ନିଜ ଇଷ୍ଟ, ନିଜ ଆରାଧ୍ୟ, ନିଜ ଗୁରୁଦେବଙ୍କ ନାମ ସ୍ମରଣ କର, ନିର୍ଗୁଣ ବା ସଗୁଣ ଭାବରେ ଧ୍ୟାନ କରି ଗୁରୁଙ୍କ ଉପଦେଶ ଅନୁସରଣ କରି ସର୍ବଦା ଗୁରୁଦେବ ତୁମ ପାଖରେ ରହିଛନ୍ତି ବୋଲି ଦୃଢ଼ ବିଶ୍ୱାସ କରି ଧୈର୍ଯ୍ୟ ଓ ଶ୍ରଦ୍ଧାର ସହ ତାଙ୍କୁ ତୁମର ସ୍ଥିତିର ମୂଳଭିତି କରିଦିଅ । ଗୁରୁଦେବଙ୍କ ପାବନ ଚେତନା ହେଉଛି ତୁମେ ଏହି ପୃଥିବୀରେ ଯେଉଁ ଗରିବ ଲୋକଟିକୁ ସାହାଯ୍ୟ କରୁଛ ତାହା ଭିତରେ ମୋତେ ଅନୁଭବ କର । ଦୁଃଖ କଷ୍ଟରେ ଜର୍ଜରିତ ଲୋକଟି ପ୍ରତି କରୁଣା ପ୍ରଦର୍ଶନ ବେଳେ, ଋଣରୁ ମୁକ୍ତି ବେଳେ, ଘୃଣା ଓ କ୍ରୋଧ ପରିତ୍ୟାଗ କଲାବେଳେ, ନିଜର ସନ୍ତାନ ମାନଙ୍କର ଯତ୍ନ ନେଲାବେଳେ ପଡ଼ୋଶୀ ମାନଙ୍କ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବେଳେ ତୁମ ଗୁରୁଦେବଙ୍କ ପ୍ରତ୍ୟେକ୍ଷ କର । କାହାକୁ ଦେଇଥିବା ପ୍ରତିଶ୍ରୁତି ପୂରଣ କଲାବେଳେ ଲୋଭରୁ ମୁକ୍ତି ବେଳେ, ସମସ୍ତ ଧର୍ମରେ, ସମସ୍ତ ଗୁରୁଙ୍କ ମଧ୍ୟରେ ଏବଂ ତୁମର ଚର୍ତୁପାର୍ଶ୍ୱରେ ଥିବା ସମସ୍ତ ଶୁଦ୍ଧପୂତ ଜିନିଷ ମଧ୍ୟରେ ଗୁରୁଦେବଙ୍କ ଦର୍ଶନ କର । ଆଜିର ସ୍ୱାସ୍ଥ୍ୟସର୍ବସ୍ୱ ବସ୍ତୁ ସର୍ବସ୍ୱ ଦୁନିଆରେ ଉପର ବର୍ଣ୍ଣିତ ସମସ୍ତ ମାର୍ଗ ପାଳନ ଓ ଅନୁସରଣ କରିବା ସହଜ ନୁହେଁ । କିନ୍ତୁ ସାଧନାର ପଥେ ଅବିଚଳିତ ଭାବେ ଆଗେଇ ଚାଲିବା ପାଇଁ ପଡ଼ିବ । ଗୁରୁଦେବ ଆମର ଉଭୟ ପାପ ଓ ପୁଣ୍ୟ, ଶୁଦ୍ଧତା ଓ ଅଶୁଦ୍ଧତାକୁ ସମାନ ଭାବରେ ଗ୍ରହଣ କରିନେଇଥାନ୍ତି । ତାହାଲେ ଆଜିର ଆହ୍ୱାନ ଭରା ସମୟରେ କାତର ବା କଷ୍ଟଭରା ମୁହୂର୍ତ୍ତରେ ଯେତେ ବାଧାବିଘ୍ନ, ଝଡ଼ଝଞ୍ଜା ଆସୁନା କାହିଁକି ଭୟ କରିବାରେ କ'ଣ ଅଛି ? ଯେତେବେଳେ ଆମ ରକ୍ଷାକର୍ତା ଗୁରୁଦେବ ଆମ ସହିତ ଜୀବନୋର ଜୀବନରେ ଅଛନ୍ତି ଏବଂ ତାଙ୍କର ପ୍ରତିଶ୍ରୁତି ରକ୍ଷା କରୁଛନ୍ତି ଆମେ କାହିଁକି ହତାଶ ହେବା ? ଆଶାଶୂନ୍ୟ ଓ ଦୁଃଖ ଯନ୍ତ୍ରଣାରେ ବ୍ୟଥିତ ହେବା । ଆଜିର ଦୁନିଆରେ ହିନ୍ଦୁ ଧର୍ମରେ ବର୍ଣ୍ଣିତ ଚର୍ତୁଃଶ୍ରାମ ପଦ୍ଧତି ଅବଲମ୍ବନ କରିବା କଷ୍ଟକର । ଏହି ଆଶ୍ରମ ଗୁଡ଼ିକ ହେଉଛି ବ୍ରହ୍ମଚର୍ଯ୍ୟା, ଗ୍ରାହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ । ତେଣୁ ଗୁରୁଦେବ ଆମ ମାନଙ୍କୁ ପରିବାର ମଧ୍ୟରେ ରହି ମଧ୍ୟ ଏହି ଚର୍ତୁମାର୍ଗ ଅବଲମ୍ବନ କରିବାର ମାର୍ଗ ଦର୍ଶନ କରିଛନ୍ତି । ଗାର୍ହ୍ୟସ୍ଥ ବା ପାରିବାରିକ ଜୀବନ ଅନ୍ୟତମ କଷ୍ଟକର ଆଶ୍ରମ କିନ୍ତୁ ସାଂସାରିକ ମଣିଷ ହୋଇ ମଧ୍ୟ ଜଣେ ଚାରୋଟି ଯାକ ଆଶ୍ରମର ନିୟମ ଚର୍ଯ୍ୟା ପାଳନ କରିପାରିବ । ଏହି ଆଧାତ୍ମିକ ଅନୁଚିନ୍ତନର ଭାବାର୍ଥଟି ଅତି ସ୍ୱଷ୍ଟ । ଏହି କଳି ଯୁଗରେ ମଧ୍ୟ ଜଣେ ଯଦି ଶ୍ରଦ୍ଧା, ନିଷ୍ଠା, ସମର୍ପଣ, ଆତ୍ମ ନିବେଦନ ସହ ଗୁରୁଙ୍କ ଦ୍ୱାରା ନିରୂପିତ ସୁଗମ ମାର୍ଗ ଗୁଡ଼ିକ ଅନୁସରଣ କରନ୍ତି ତାହାହେଲେ ସାଂସାରିକ ଓ ଜାଗତିକ ଜୀବନରୁ ତାଙ୍କର ସମସ୍ତ ଦୁର୍ଦ୍ଦଶା, ନିରାଶା ଓ ହତାଶା ଦୂର ହୋଇଯାଇ ଆଧାତ୍ମିକ ଚେତନାର ଉନ୍ମିଳନ ଘଟିବ ଓ ଜୀବନ ଆନନ୍ଦମୟ ହୋଇପାରିବ । ସତରେ ଆମ ପୂଜ୍ୟଗୁରୁଦେବ ଆମ ସହିତ ପ୍ରତିଟି ମୁହର୍ତ ପ୍ରତ୍ୟକ୍ଷତା କରୁଥିବାବେଳେ ତାଙ୍କ ଶାଶ୍ୱତ ସତ୍ୟର ବଜ୍ର ଘୋଷଣା – 'ମୁଁ ଅଛି ଭୟ କାହିଁକି ?' ଏହା ଆମ ପାଇଁ ଯଥେଷ୍ଟ ଜୀବନ ଚେତନାକୁ ଦିବ୍ୟମୟ କରିବା ପାଇଁ ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ

# ଉତରଦାୟିତ୍ୱ କାହାର ?


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଅଧ୍ୟାପକଙ୍କ ଯୌନ ତଥା ମାନସୀକ ନିର୍ଯ୍ୟାତନାର ଶିକାର ହୋଇ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଟିଗ୍ରେଟେଡ ବି.ଏଡ. ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟଶ୍ରୀ ବିଶି ଏମସ୍‌ରେ ଦୀର୍ଘ ୫୫ଘଂଟାର ଜୀବନ ମରଣ ସହ ଲଢେଇ କରି ଶେଷରେ ଆଖିବୁଜିବା ଘଟଣା କେବଳ ଶିକ୍ଷାନୁଷ୍ଠାନରେ ଗୁରୁ-ଶିଷ୍ୟ ପବିତ୍ରତାର ଅଧୋଗତିକୁ ସୂଚିତ କରିନାହିଁ, ଆମ ସରକାରୀ ଆଇନକାନୁନ୍, ସାମାଜିକ, ରାଜନୈତିକ ବ୍ୟବସ୍ଥା ତାଙ୍କୁ ସୁରକ୍ଷା ଦେଇପାରିନାହିଁ ବୋଲି କୁହାଯାଇପାରିବ ନାହିଁ । ପରଲୋକଗତ ଛାତ୍ରୀ ନ୍ୟାୟ ପାଇଁ କଲେଜ ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି ପୋଲିସ, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ଲୋକପ୍ରତିନିଧି, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜାତୀୟ ମହିଳା କମିଶନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ସବୁକିଛି ସ୍ପଷ୍ଟ ଭାବେ ଜଣାଇଥିଲେ ମଧ୍ୟ ତାଙ୍କୁ କେହି ସୁରକ୍ଷା ଦେଇପାରିନଥିଲେ । ସବୁଠାରୁ ନିରାଶ ହେବା ପରେ କଲେଜ ପରିସରରେ ଛାତ୍ରୀ ଜଣକ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରି ଶେଷରେ ଆତ୍ମବଳି ଦେଇଛନ୍ତି । ତେବେ ଏହି ଦୁଃଖଦ ଘଟଣା ପାଇଁ ଦାୟୀ କିଏ ? କାହାକୁ ଦାୟୀ କରିବା ଦାୟୀତ୍ୱ କାହାର ଅବଶ୍ୟ ଏହି ଘଟଣାରେ ରାଜ୍ୟ ସରକାର କଲେଜର ଅଧ୍ୟାପକ ଏବଂ ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବନ କରି ଗିରଫ କରିବା ସହ ଜେଲକୁ ପଠାଇ ଦେଇଛନ୍ତି । ଏହା ନିସନ୍ଦେହ ଯେ, ଅଧ୍ୟାପକଙ୍କ ଯୌନ ନିର୍ଯ୍ୟାତନାର ଶିକାର ହୋଇ ସୌମ୍ୟଶ୍ରୀ କଲେଜ ପରିସରରେ ନିଜ ଦେହରେ ନିଆଁ ଲଗାଇ ଆତ୍ମବଳୀ ଦେବା ରାଜ୍ୟରେ ପ୍ରଥମ ଘଟଣା । କିନ୍ତୁ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଅଧ୍ୟାପକଙ୍କ ଯୌନ, ତଥା ମାନସିକ, ଶାରିରୀକ ନିର୍ଯ୍ୟାତନାର ଶୀକାର ହେବା ନୂଆ ଘଟଣା ନୁହେଁ । ରାଜ୍ୟର ସୁନାମଧନ୍ୟ ବିଶ୍ୱବିଦ୍ୟାଳୟଗୁଡିକ ଠାରୁ ଆରମ୍ଭ କରି ମହାବିଦ୍ୟାଳୟଗୁଡିକରେ ଅତୀତରେ ଏଭଳି କଳଙ୍କିତ ଘଟଣା ଗଣମାଧ୍ୟମର ଶିରୋନାମା ପାଲଟିଥିଲା । ଉଲ୍ଲେଖଯୋଗ୍ୟ ଯେ, ଶିକ୍ଷାନୁଷ୍ଠାନରେ ଛାତ୍ରୀ ଏବଂ ଅଧାପିକାମାନଙ୍କୁ ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ଦେବା ଲାଗି ସରକାରଙ୍କ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଏବଂ ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ । ଯେଉଁ ନିର୍ଦ୍ଦେଶନାମାରେ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟ କାର୍ଯ୍ୟସ୍ଥଳୀରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିମାନ ଗଠନ କରିବା ବ୍ୟବସ୍ଥା ରହିଛି । ପିଡିତା ଛାତ୍ରୀ ଅଧ୍ୟାପକଙ୍କ ଯୌନ ନିର୍ଯ୍ୟାତନା ସମ୍ପର୍କରେ ଜଣାଇବା ପରେ ଆଭ୍ୟ'ରୀଣ ଅଭିଯୋଗ କମିଟି ଗଠନ କରାଯାଇ ଆଲୋଚନା ହୋଇଥିଲା । ଜଣାଯାଇଛି ଯେ, କମିଟି ରିପୋର୍ଟ ଦାଖଲ କରିଥିବା ସତ୍ୱେ ଯୌନ ଶୋଷଣ ସମ୍ପର୍କରେ ରିପୋର୍ଟରେ କିଛି ଉଲ୍ଲେଖ ନାହିଁ । ଏପରିକି ପିଡିତା ଜଣକ ଅଧ୍ୟକ୍ଷଙ୍କୁ ଡାକରା ପାଇ ସାକ୍ଷାତ କରିବା ସମୟରେ ଅଭିଯୋଗ ପ୍ରତ୍ୟାହାର ପାଇଁ ଚାପ ପଡିଥିଲା ଏବଂ ସମସ୍ତ ଭୁଲ ଛାତ୍ରୀଙ୍କର, ଅଧାପକ ନିର୍ଦ୍ଦେଶ ବୋଲି କୁହାଯାଇଥିଲା । ଆହୁରି ମଧ୍ୟ ସମ୍ପୃକ୍ତ ଅଧ୍ୟାପକ ପିଡିତାଙ୍କ ବିରୁଦ୍ଧରେ ଅନ୍ୟ ଛାତ୍ରଛାତ୍ରୀଙ୍କୁ ମେଳି କରାଇବାରେ ସମର୍ଥ ହୋଇଥିଲେ । ଶ୍ରେଣୀ ଗୃହରେ ପିଡିତା ଏକ ପ୍ରକାର ବାସନ୍ଦ ହୋଇଯାଇଥିଲେ । ଏହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ ବୋଲି କୁହାଯିବ । ଆହୁରି ମଧ୍ୟ ଛାତ୍ରୀଜଣକ ସ୍ଥାନୀୟ ପୋଲିସକୁ ଅବଗତ କରାଇ ଥିଲେ । ପୋଲିସ ଅଭିଯୋଗରେ ତର୍ଦ' କରିବା ପରିବର୍ତେ ଅଧ୍ୟକ୍ଷଙ୍କୁ ଭେଟି ନୀରବ ରହିଥିଲା । ପୋଲିସର ନୀରବତା ପରେ ସେ ଜିଲ୍ଲାପାଳ, ଏସପି, ଶିକ୍ଷା ମନ୍ତ୍ରୀ, କେନ୍ଦ୍ରଶିକ୍ଷାମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ 'ଏକ୍ସ'ରେ ସାମାଜିକ ଗଣମାଧ୍ୟମରେ ଅବଗତ କରାଇବା ପରେ କେହି ଗୁରୁତ୍ୱର ସହକାରେ ଏହାକୁ ଗ୍ରହଣ କରିନଥିବା ପିଡିତାଙ୍କ ଚରମ ପଦକ୍ଷେପ ପ୍ରମାଣିତ କରେ ବୋଲି କୁହାଯାଇପାରିବ । ଏହି ଘଟଣା ରାଜ୍ୟରେ ରାଜନୈତିକ ଝଡ ସୃଷ୍ଟି ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ପିଡିତା ଜଣକ ଆତ୍ମରକ୍ଷା କୌଶଳରେ ଜଣେ ମାଷ୍ଟରଟ୍ରେନର ଥିଲେ । ଛାତ୍ରୀମାନଙ୍କ ସେ ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ ଦେଉଥିଲେ । ଏଥିରୁ ଅନ୍ୟକୁ ସୁରକ୍ଷିତ ରଖିବାରେ କେତେ ଦୃଢମନା, ସାହାସୀ ଥିଲେ ବୁଝାପଡେ । ଆହୁରି ମଧ୍ୟ ସେ ଶାସକ ଦଳର ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଜଣେ ସକ୍ରୀୟ ସଦସ୍ୟା ସହ ଶାସକ ଦଳ ଓ ସରକାରଙ୍କର ଜଣେ ଦୃଢ ସମର୍ଥକ ଥିଲେ । ମାତ୍ର କାହାରିଠାରୁ କୌଣସି ସୁରକ୍ଷା ନପାଇବା ବୋଧହୁଏ ତାଙ୍କ ଚରମ ନିଷ୍ପତିର କାରଣ ହୋଇପାରେ । ପିଡିତାଙ୍କ ବଳିଦାନ ଘଟଣାରୁ ରାଜ୍ୟ ସରକାର କିଛି ଶିକ୍ଷା କରିଥିବେ ନିଶ୍ଚିତ ବୋଲି ଆଶା କରାଯାଏ । ଭବିଷ୍ୟତରେ ଶିକ୍ଷାନୁଷ୍ଠାନ ହେଉ କିମ୍ବା ସରକାରୀ, ବେସରକାରୀ କାର୍ଯ୍ୟାଳୟ ହେଉ ଏଭଳି ଘଟଣାରେ ଯେପରି ପୁନରାବୃତି ନଘଟେ, ସେଥିପ୍ରତି ସରକାର ସଚେତନ ହେବା ଜରୁରୀ । ଅବଶ୍ୟ ଏହି ଘଟଣା ପରେ ରାଜ୍ୟ ସରକାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରୁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ରିପୋର୍ଟ ତଲବ କରିଛନ୍ତି । ଏହାଦ୍ୱାରା ଭବିଷ୍ୟତରେ ଛାତ୍ରୀ ହୁଅନ୍ତୁ ବା ମହିଳା ହୁଅନ୍ତୁ, ସୁରକ୍ଷିତ ରହିପାରିବେ ବୋଲି ଆମର ଆଶା । କିନ୍ତୁ ବାଲେଶ୍ୱର ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ । ଯାହା ପାପିଷ୍ଠଙ୍କ ପାଇଁ ଏକ ଚେତବାନୀ ସଦୃଶ ହେବ । ଆମେ ପିଡିତାଙ୍କ ଅମର ଆତ୍ମାଙ୍କ ସଦଗତି ପାଇଁ କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛୁ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ

# 'ଡିପ୍‌ଫେକ୍'ରୁ ବିପତି


ଉମାଶଙ୍କର ପ୍ରସାଦ

ଡିପ୍‌ଫେକ୍' କହିଲେ ବୈଷୟିକ କୌଶଳ ମାଧ୍ୟମରେ କୌଣସି ଭିଡିଓର ମୌଳିକ ଦୃଶ୍ୟ ଓ ଶ୍ରାବ୍ୟ (ଭିଡିଓ ଓ ଅଡିଓ) ବିଷୟ(କଂଟେଟ୍) ପରିବର୍ତନ କରି ନକଲ ପ୍ରସ୍ତୁତିକୁ ବୁଝାଯାଏ । 'ଫେକ ନିଉଜ'କୁ 'ଅସତ୍ୟ ସମ୍ବାଦ' କୁହାଗଲେ 'ଡିପ୍‌ଫେକ୍'କୁ 'ଅସତ୍ୟ ଦୃଶ୍ୟ' ଭାବରେ ନାମିତ କରାଯାଇପାରେ । 'ଡିପ୍‌ଫେକ୍' ଭିଡିଓ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସିର ଜଟିଳ ସୂତ୍ରାବଳୀ ଆଧାରିତ । ଏଭଳି ସଫ୍ଟୱେର ସହଜରେ ଓ ମାଗଣାରେ ଡେସ୍କଟପ ଓ ସ୍ମାର୍ଟଫୋନ ଆପ ଆକାରରେ ଜାନୁୟାରୀ ୨୦୧୮ରୁ ସର୍ବସାଧାରଣରେ ଉପଲବ୍ଧ । ନଭେମ୍ବର ୨୦୨୨ରେ ଜେନେରେଟିଭ ଆର୍ଟିଫିସିଆଲ ଇଂଟିଲିଜେନ୍ସିର ଲୋକାର୍ପଣ ଏହି ଦିଗରେ ପ୍ରଶସ୍ତ କ୍ଷେତ୍ର ସୃଷ୍ଟି କଲା । ଫଳରେ ମାତ୍ର ପାଂ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩ ଶେଷ ସୁଦ୍ଧା ବିଶ୍ୱବ୍ୟାପୀ 'ଡିପ୍‌ଫେକ୍' ଭିଡିଓ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଲା ।ଫଟୋଗ୍ରାଫି ଓ ସିନେମା କଳାକୌଶଳ ଉଦ୍ଭାବନ ପରେ ପରେ ଅସଲି ଚିତ୍ରରେ ନକଲି ଖଞ୍ଜିବା ଆରମ୍ଭ ହୋଇଯାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧୋତର ପରିବେଶରେ ଡିଜିଟାଲ ଭିଡିଓ ପ୍ରଚଳନ ପରେ ଏହି କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ଘଟିଥିଲା । ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସି ଉପଯୋଗରେ ଏବଂ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ବୈଷୟିକ କୌଶଳ ସହଜରେ ଉପଲବ୍ଧ ହେବା ପରେ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅବସ୍ଥାପିତ ଗବେଷକମାନେ ଏଥିରେ ସାମିଲ୍ ହୋଇଥିଲେ । ସୋସିଆଲ ମିଡିଆ 'ରେଡିଟ'ରେ ୨୦୧୭ରେ 'ଡିପ୍‌ଫେକ୍' ନାମକ ଏକ ଶୃଙ୍ଖଳ ସୃଷ୍ଟି କରାଯାଇଥିଲା । ଏହି ଅନଲାଇନ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ଗବେଷକମାନେ ମଂଚରେ ନିଜେ ପ୍ରସ୍ତୁତ କରିଥିବା 'ଡିପ୍‌ଫେକ୍' ଭିଡିଓ ଚିତ୍ରଗୁଡ଼ିକ ପ୍ରଦର୍ଶନ କରୁଥିଲେ । ତେବେ ଏହା ଅଧ୍ୟୟନକୈନ୍ଦ୍ରିକ ଥିବା ହେତୁ ଅନ୍ୟମାନଙ୍କ ନଜରକୁ ଆସୁନଥିଲା କିମ୍ବା ଉପାଦାନ ସମ୍ପର୍କରେ ପ୍ରଶ୍ନ ଉଠୁନଥିଲା ।

ପ୍ରାଥମିକ ସ୍ତରରେ ମୁଖ୍ୟତଃ 'ଡିପ୍‌ଫେକ୍' ଭିଡିଓଗୁଡ଼ିକରେ ଅନଲାଇନରେ ଉପଲବ୍ଧ ଅର୍ଦ୍ଧନଗ୍ନ ବା ନଗ୍ନ ଶରୀରରେ ଖ୍ୟାତନାମା ଚଳଚ୍ଚିତ୍ର ଅଭିନେତ୍ରୀ ଓ ଅଭିନେତାଙ୍କ ମୁଖମଣ୍ଡଳର ଚିତ୍ର ଯୋଡ଼ାଯାଉଥିଲା । ଦ୍ୱିତୀୟସ୍ତରରେ ଭିଡିଓରେ କଥାବାର୍ତା ପରିବର୍ତନ କରିବା ବା କଣ୍ଠସ୍ୱର ପରିବର୍ତନ କରିବାର ସାମର୍ଥ୍ୟ ହାସଲ ହେଲା । ଫଳରେ ଅସଲି ଭିଡିଓକୁ ନକଲିରେ ପରିବର୍ତିତ କରି ଦର୍ଶକଙ୍କ ପାଇଁ ଉଭୟ ଦୃଶ୍ୟ ଓ ଶ୍ରାବ୍ୟ ପ୍ରମାଣରେ ସତ୍ୟ ପ୍ରତୀୟମାନ ହେଲା । ତେବେ ତୃତୀୟସ୍ତରରେ ଏହି ବୈଷୟିକ କୌଶଳ ଉପଯୋଗରେ ଅପରାଧିକ କାର୍ଯ୍ୟକଳାପ ଆରମ୍ଭ ହୋଇଗଲା । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚିତ୍ର ନକଲ କରି ଯୌନାଚାର ଦୃଶ୍ୟ, ପ୍ରତିହିଂସା ଉଦ୍ଦେଶ୍ୟରେ ଅପରକୁ ନିନ୍ଦିତ କରିବା ଲାଗି ପ୍ରଚେଷ୍ଟା, ଅସତ୍ୟ, ଗୁଜବ ଓ ଅତିରଞ୍ଜିତ ସମ୍ବାଦ ପ୍ରସାର, ଅପବାଦ ଓ ଅର୍ଥନୈତିକ ଅପରାଧ ଲାଗି 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହେଲା । ଚତୁର୍ଥସ୍ତରରେ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ 'ଡିପ୍‌ଫେକ୍' ଭିଡିଓ ଉପଯୋଗ ରାଜନୀତିକସ୍ତରରେ ଚିନ୍ତାର କାରଣ ପାଲଟିଛି ।ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ୨୦୨୦ରେ 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହୋଇଥିବା ଅଭିଯୋଗ ହୋଇଥିଲା । ପରବର୍ତୀ ପର୍ଯ୍ୟାୟରେ ବ୍ରିଟେନ, ଆର୍ଜେଂଟିନା, ସୋଲଭିକିଆ, ଦକ୍ଷିଣ କୋରିଆ ଆଦି ରାଷ୍ଟ୍ରରେ ଅନୁଷ୍ଠିତ ନିର୍ବାଚନରେ 'ଡିପ୍‌ଫେକ୍'ର ପ୍ରାଦୁର୍ଭାବ ଅନୁଭୂତ ହୋଇଥିଲା । ଭାରତରେ ୨୦୨୩ରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଅମିତାଭ ବଚ୍ଚନ 'କୌନ ବନେଗା କରୋଡ଼ପତି' ମଂରୁ ବିଜେପି ମୁଖ୍ୟମନ୍ତ୍ରୀଙ୍କୁ ମିଛୁଆ ଅଭିହିତ କରି କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସପକ୍ଷରେ ମନ୍ତବ୍ୟ ରଖିଥିବା 'ଡିପ୍‌ଫେକ୍' ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ବିଜେପି ପକ୍ଷରୁ ନିର୍ବାଚନ କମିଶନ ଓ ପୁଲିସ ନିକଟରେ ଏଥିନେଇ ଅଭିଯୋଗ ଦାୟର ହୋଇଥିଲା । ସେହି ସମୟରେ ବଲିଉଡ୍ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ ଓ କାଜଲଙ୍କୁ ନେଇ ପ୍ରସ୍ତୁତ ନଗ୍ନ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବା ପରେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହେଲା । ବିଶେଷଜ୍ଞମାନେ ଭାରତରେ 'ଡିପ୍‌ଫେକ୍' ଭିଡିଓ ପ୍ରଚଳନ ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ସତର୍କ କରାଇଦେଇଛନ୍ତି । ଏଥିନେଇ ପ୍ରଦ୍ୟୋଗ ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦବେଗ ପ୍ରକାଶ କରିଛନ୍ତି । ଦେଶରେ ୨୦୨୩ ଓ ୨୦୨୪ରେ ସାଧାରଣ ନିର୍ବାଚନ ସଙ୍ଗେ ବହୁ ରାଜ୍ୟରେ ବିଧାନସଭା ନିର୍ବାଚନ ପଞ୍ଜିକା ଥିବା ହେତୁ ରାଜନୀତିକସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି । 'ଡିପ୍‌ଫେକ୍' କବଳରେ ଭାରତୀୟ ନିର୍ବାଚନ ସମ୍ପର୍କରେ ବିଚାରବିମର୍ଶ କଲାବେଳେ କେତେକ ଦିଗ ଗୁରୁତ୍ୱ ବହନ କରିଥାଏ ।

ପ୍ରଥମତଃ, ଭାରତରେ ଇଂଟରନେଟ ବ୍ୟବହାର କରୁଥିବା ଜନସଂଖ୍ୟା ମାର୍ଚ୍ଚ ୨୦୨୩ ସୁଦ୍ଧା ୮୫ କୋଟିରେ ପହଂଚିଥିବା ସରକାରୀ ହିସାବରୁ ଜଣାଯାଏ । ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଅନଲାଇନରେ ସମ୍ବାଦ ଆହରଣ କରୁଥିବା 'କାନ୍ତାର-ଗୁଗୁଲ' ପକ୍ଷରୁ ଆକଳନ କରାଯାଇଛି । ରାଜନୈତାଙ୍କ ପ୍ରତି ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତନ କରିବାରେ ଅନଲାଇନ ସାଧନର ପ୍ରଭାବ ଅନେକ ରହିଛି । ତେଣୁ ଅନଲାଇନ ସମ୍ବାଦ ବିତରଣରେ 'ଡିପ୍‌ଫେକ୍' ନିର୍ବାଚନ ପ୍ରଚାରକୁ ପ୍ରଭାବିତ କରିବା ଆଶଙ୍କା ଅମୂଳକ ନୁହେଁ ।ଦ୍ୱିତୀୟତଃ, ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ କରିବା ନିମନ୍ତେ ଚରିତ୍ରଗୁଡ଼ିକ ସମ୍ପର୍କରେ ବହୁ ସଂଖ୍ୟାରେ ତଥ୍ୟ ଆବଶ୍ୟକ ପଡୁଥିଲା । କିନ୍ତୁ ବତମାନ ମାତ୍ର ମିନଟ କିମ୍ବା ଦୁଇ ମିନଟର ତଥ୍ୟରେ କ୍ଲୋନିଂ ବା ଅବିକଳ ପ୍ରତିକୃତି ପ୍ରସ୍ତୁତି ସମ୍ଭବ ହୋଇପାରୁଛି । ଏଥିନିମନ୍ତେ ସଫଟୱେର ସହଜରେ ସମସ୍ତଙ୍କୁ ମିଳିପାରୁଛି । ଯେ କେହି ଅଭ୍ୟାସ କରି 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତିରେ ଦକ୍ଷତା ହାସଲ କରିପାରିବ । ଏହି ସବୁ କାରଣରୁ ଭବିଷ୍ୟତରେ ଅଧିକ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ ହେବାର ଆଶଙ୍କା ଅମୂଳକ ନୁହେଁ । ତୃତୀୟତଃ, ଆମ ଦେଶରେ ଇଂଟରନେଟ ସଂଯୁକ୍ତି ବଢ଼ିଚାଲିଥିବା ଅବସରରେ ଇଂଟରନେଟ ବ୍ୟବହାର ତଥ୍ୟ ମୂଲ୍ୟ ଆନ୍ତର୍ଜାତିକସ୍ତରରେ ପ୍ରାୟତଃ ସର୍ବନିମ୍ନସ୍ତରରେ ରହିଆସିଛି । ଫଳରେ ଭିଡିଓ ଉପଭୋଗ ସୁଗମ ହୋଇପାରିଥିବା ବେଳେ ଅଧିକ ସଂଖ୍ୟାରେ ଡାଉନଲୋଡ ଓ ସେୟାର ମଧ୍ୟ ସମ୍ଭବ ହୋଇପାରୁଛି । ଏହି ପରିବେଶ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବାରେ ସହାୟକ ।ଚତୁର୍ଥତଃ, 'ଡିପ୍‌ଫେକ୍' ଭିଡିଓ ରାଜନୈତିକ କ୍ଷେତ୍ରରେ ବ୍ୟବହାର ଆଲୋଚନା କଲା ବେଳେ ଏହାର ପ୍ରଯୋଜନା ଇତିହାସରେ ଆମୂଳଚୁଳ ପରିବର୍ତନ ଦୃଷ୍ଟିକୁ ଆସିଥାଏ । ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଖର୍ଚ୍ଚବହୁଳ ଥିବା ଏବଂ କେବଳ ଜାତୀୟସ୍ତରରେ ବହୁ ଅର୍ଥ ଠୁଳ କରିପାରିଥିବା ରାଜନୈତିକ ଦଳଗୁଡ଼ିକ ପକ୍ଷେ ପ୍ରସ୍ତୁତି ସମ୍ଭବ ଥିଲା । କିନ୍ତୁ ୨୦୨୩ ସୁଦ୍ଧା ଏହି ବୈଷୟିକ କୌଶଳ ବ୍ୟବହାର ସାର୍ବଜନୀନସ୍ତରରେ ଉପଲବ୍ଧ ଥିବା, ଏପରିକି ଗ୍ରାମପଂଚାୟତସ୍ତରରେ ପ୍ରସ୍ତୁତି ଓ ପ୍ରସାର ସମ୍ଭବ ହୋଇପାରୁଛି । ତେଣୁ ୨୦୨୪ ନିର୍ବାଚନ ପ୍ରଚାରରେ 'ଡିପ୍‌ଫେକ୍' ଭିଡିଓର ପ୍ରଭାବ ଅଧିକ ରହିବ ବୋଲି ଆକଳନ କରାଯାଇଛି ।ପଂମତଃ, ଭାରତରେ ଇଂଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବାରୁ ଏବଂ ମୁଖ୍ୟତଃ ଭିଡିଓ ଆହରଣ କରୁଥିବାରୁ ବିଭିନ୍ନ ଭାରତୀୟ ଭାଷାଭାଷୀ ଉପଭୋକ୍ତାଙ୍କୁ ଭାଇରାଲ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି କ୍ଷେତ୍ରରେ ସମ୍ଭାଳିବା ସହଜ କଥା ନୁହେଁ । ସୋସିଆଲ ମିଡିଆରେ ପ୍ରସାର ଖୁବ କମ ସମୟରେ କୌଣସି ଭିଡିଓକୁ ଭାଇରାଲ କରିପକାଏ । ଆମ ଦେଶର ଆଇନକାନୁନ ସଶକ୍ତ । କିନ୍ତୁ 'ଡିପ୍‌ଫେକ୍' ଭିଡିଓଟିଏ ଠାବ କରି ତାହା ହଟାଇବା ପାଇଁ ସାମାଜିକ ଗଣମାଧ୍ୟମ ମଂଚକୁ ଜନସାଧାରଣ ଅନୁରୋଧ ବା ସରକାର ନିର୍ଦ୍ଦେଶ ଦେବା ଆଗରୁ ବିଶାଳ ଜନସଂଖ୍ୟାଙ୍କଠାରେ ପହଂଚିସାରିଥିବ । 'ଡିପ୍‌ଫେକ୍' ଭିଡିଓ ସ୍ୱୟଂକ୍ରିୟ ବା ଆପେ ଆପେ ଚିହ୍ନଟ କରାଯାଇପାରିବା ବୈଷୟିକ କୌଶଳ ବାସ୍ତବ କ୍ଷେତ୍ରରେ ଉପଯୋଗ ପ୍ରାୟତଃ ଅସମ୍ଭବ ମନେହୁଏ ।'ଡିପ୍‌ଫେକ୍' ଭିଡିଓ ପ୍ରସାର ଲାଭ କରିବା ବିଗତ ପାଂ ବର୍ଷର ଇତିହାସରୁ ଜଣାଯାଏ ଯେ ଏହି ବୈଷୟିକ କୌଶଳ ବିକାଶ ବର୍ଷକ ମଧ୍ୟରେ ଦ୍ୱିଗୁଣିତ ହେବାରେ ଲାଗିଛି । ସେହିପରି ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବଢୁଛି । ଏତାଦୃଶ ଜଟିଳ ପରିବେଶରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଓ ପ୍ରସାରଣକୁ ରୋକିବା ନିମନ୍ତେ ଆନ୍ତର୍ଜାତିକସ୍ତରରେ ବିଭିନ୍ନ ରାଷ୍ଟ୍ର ଆଇନ ପ୍ରଣୟନ ଦିଗରେ ତତ୍ପର । ୟୁରୋପୀୟ ରାଷ୍ଟ୍ରସଂଘ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୩ ଶେଷ ସୁଦ୍ଧା ଏ ଦିଗରେ ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ଭାରତରେ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ୍ ୨୦୨୧ ଅନୁଯାୟୀ କୌଣସି ଆପତିଜନକ ଉପାଦାନ ଠାବ ହେଲେ ସାମାଜିକ ଗଣମାଧ୍ୟମ ମଂଗୁଡ଼ିକ ଅଭିଯୋଗ କିମ୍ବା ନିର୍ଦ୍ଦେଶ ପାଇବାର ୩୬ ଘଂଟା ମଧ୍ୟରେ ହଟାଇବା ନିମନ୍ତେ ବାଧ୍ୟ । କିନ୍ତୁ ଏହି ୩୬ ଘଂଟାର ମହଲତ ଆଧୁନିକ ଅନଲାଇନ ପରିବେଶରେ ସୁଦୀର୍ଘ ମନେହୁଏ । ଏହି ସମସ୍ୟାର କିପରି ସମାଧାନ କରାଯାଇପାରିବ ତାହା ଏକ ଅସମାହିତ ପ୍ରଶ୍ନ ।

'ଡିପ୍‌ଫେକ୍' ଭିଡିଓ ସାଧାରଣରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଉପଭୋକ୍ତାଙ୍କ ଭୂମିକା ମୁଖ୍ୟ ସ୍ଥାନ ଅଧିକାର କରିଥାଏ । ଗବେଷଣାରୁ ଜଣାଯାଏ ଯେ ଅଧିକାଂଶ କ୍ଷେତ୍ରରେ ଅନଲାଇନ ଶିଷ୍ଟାଚାର ସମ୍ପର୍କରେ ଅଜ୍ଞତା ଓ କୌତୁହଳ କାରଣରୁ ଭିଡିଓ ସେୟାର ହୋଇଥାଏ । ବିଶେଷଜ୍ଞମାନେ କହିଆସୁଛନ୍ତି ଯେ ଗଣମାଧ୍ୟମ ସାକ୍ଷରତା, ଅର୍ଥାତ ଉପଭୋକ୍ତାଙ୍କୁ ଗଣମାଧ୍ୟମର ପ୍ରଭାବ ତଥା ଉଚିତ ଓ ଅନୁଚିତ ବ୍ୟବହାର ସମ୍ପର୍କରେ ସତର୍କ କରାଗଲେ ସୁଫଳ ମିଳିବ । ବିଶେଷଜ୍ଞଙ୍କ ମତରେ ଅସତ୍ୟ ସମ୍ବାଦ ଗଣତାନ୍ତ୍ରିକ ଶାସନରେ କିପରି କୁପ୍ରଭାବ ପକାଉଛି ସେ ସମ୍ପର୍କରେ ଯେତେ ଅଧିକ ସଂଖ୍ୟକ ସାମାଜିକ ଗଣମାଧ୍ୟମ ଉପଭୋକ୍ତା ଅବଗତ ହେବେ, ସେହି ସଂଖ୍ୟାରେ 'ଡିପ୍‌ଫେକ୍' ଭିଡିଓର ବ୍ୟବହାର ହ୍ରାସ ପାଇବ ।

ଖୋର୍ଦ୍ଧା

# ପତିବ୍ରତାର ସଂକଳ୍ପ


ଅପର୍ଣ୍ଣା ନାୟକ

ଭାରତୀୟ ସଂସ୍କୃତିରେ ନାରୀର ସ୍ଥାନ ଅତି ଉଚ୍ଚରେ । ସେ ଏକାଧାରରେ ଜାୟା, ଜନନୀ ଓ ଭଗିନୀ । ଅଧିକାଂଶ ପୁରୁଷଙ୍କ ସ ।ଳତା ପଛରେ ଥାଏ ଜଣେ ଜଣେ ନାରୀଙ୍କ ପ୍ରେରଣା- ଏହା ବିଶ୍ୱରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜୀବନୀ ଅନୁଧ୍ୟାନ କଲେ ଜଣାଯାଇଥାଏ । ପବିତ୍ରତା ଧର୍ମ ନାରୀର ଶ୍ରେଷ୍ଠ ଧର୍ମ । ସତୀ ଅନସୂୟା, ଜନକନନ୍ଦିନୀ ସୀତା, ମହାରାଣୀ ଶବ୍ୟା ଓ ସାବିତ୍ରୀ ପ୍ରତ୍ୟେକ ଆଦର୍ଶର ଜଣେ ଜଣେ ମୂର୍ତିମନ୍ତ ପ୍ରତୀକ । ପରିବର୍ତିତ ପରିସ୍ଥିତିରେ ବି ଏମାନେ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ହୋଇ ରହିଛନ୍ତି । ପବିତ୍ରତା ଧର୍ମର ଶ୍ରେଷ୍ଠ ନିଦର୍ଶନ ଦେଖାଇଥିଲେ ସାବିତ୍ରୀ । ଏହାରି ବଳରେ ସେ ମୃତ୍ୟୁର ଦେବତା ଯମଙ୍କ କବଳରୁ ନିଜ ସ୍ୱାମୀଙ୍କୁ ବଂାଇବାରେ ଯେ ସମର୍ଥ ହୋଇଥିଲେ ତାହା ନୁହେଁ, ଶାଶୁ ଶଶୁରଙ୍କ ଦୃଷ୍ଟିଶକ୍ତି ସହ ତାଙ୍କର ଅପହୃତ ରାଜ୍ୟ ୋରି ପାଇବାରେ ମଧ୍ୟ ସହାୟକ ହୋଇଥିଲେ । ମଦ୍ର ଦେଶର ରାଜା ଅଶ୍ୱପତିଙ୍କର କନ୍ୟା ଥିଲେ ସାବିତ୍ରୀ । ରୂପଗୁଣରେ ସାବିତ୍ରୀଙ୍କ ସମକକ୍ଷ କେହି ନଥିଲେ । ବିବାହଯୋଗ୍ୟ ବୟସରେ ରାଜା ତାଙ୍କୁ ନିଜେ ପତି ନିର୍ବାଚନ କରିବା ଭାର ଅର୍ପଣ କରିଥିଲେ । ସାବିତ୍ରୀ ବର ଭାବରେ ନିର୍ବାଚନ କରିଥିଲେ ରାଜ୍ୟ ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ । ଦ୍ୟୁମତ ସେନ ଓ ତାଙ୍କ ସ୍ତ୍ରୀ ଚକ୍ଷୁହୀନ ହୋଇପଡ଼ିବାରୁ ଶତ୍ରୁମାନେ ତାଙ୍କୁ ରାଜ୍ୟରୁ ତଡ଼ିଦେଇ ରାଜଗାଦି ମାଡ଼ି ବସିଥିଲେ । ଏକମାତ୍ର ପୁତ୍ର ସତ୍ୟବାନ ଥିଲେ ସର୍ବଲକ୍ଷଣଯୁକ୍ତ, ସତ୍ୟନିଷ୍ଠ ତଥା ଧର୍ମପରାୟଣ । ପିତାଙ୍କ ନିକଟରେ ପତି ନିର୍ବାଚନ କଥା ସାବିତ୍ରୀ କହୁଥିବା ସମୟରେ ଜାଣିବାକୁ ପାଇଥିଲେ ସତ୍ୟବାନଙ୍କ ସ୍ୱଳ୍ପଆୟୁ ସମ୍ପର୍କରେ – ଏକବର୍ଷ ମଧ୍ୟରେ ମୃତ୍ୟୁ । କ୍ଷଣଆୟୁସମ୍ପନ୍ନ ସତ୍ୟବାନଙ୍କ ଠାରୁ ମନ ୋରାଇଆଣି ଅନ୍ୟପତି ନିର୍ବାଚନ ପାଇଁ ଚାହିଁଥିଲେ ତାଙ୍କର ପିତାମାତା । ସାବତ୍ରୀ କିନ୍ତୁ ଥିଲେ ଦୃଢ଼ପ୍ରତୀଜ୍ଞ, ସଂକଳ୍ପବଦ୍ଧ । ମନଭିତରେ ଯାହାଙ୍କୁ ପତି ରୂପେ ବରଣ କରିଛନ୍ତି କୌଣସି ପରିସ୍ଥିତିରେ ତାଙ୍କୁ ଦୂରେଇ ଦେବାକୁ ସେ ଚାହିଁ ନଥିଲେ । ବିବାହ ନ କରିଥିଲେ ବି ମନେ ମନେ ତାଙ୍କୁ ସ୍ୱାମୀ ଭାବରେ ବରଣ କରିଥିଲେ । ଘୋର ଅନିଚ୍ଛା ସତ୍ୱେ ପିତା ଅଶ୍ୱପତି ସତ୍ୟବାନଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ । ଜଙ୍ଗଲକୁ କାଷ୍ଠ ସଂଗ୍ରହ ପାଇଁ ପ୍ରତ୍ୟହ ଯାଉଥାନ୍ତି ସତ୍ୟବାନ । ସେଦିନ ଦ୍ୟୁମନ ସେନଙ୍କ ଅନୁମତି ନେଇ ସତ୍ୟବାନଙ୍କ ସହ ଜଙ୍ଗଲକୁ ଯାଇଥିଲେ ସାବିତ୍ରୀ । କାଷ୍ଠ ସଂଗ୍ରହ ବେଳେ ସତ୍ୟବାନ ଅବଶ ଓ କ୍ଳାନ୍ତ ହୋଇପଡ଼ିଲେ । ସେହିଠାରୁ ସତ୍ୟବାନ ପ୍ରାଣତ୍ୟାଗ କଲେ । ଯମଦୂତମାନେ ସାବିତ୍ରୀଙ୍କଠାରୁ ସତ୍ୟବାନଙ୍କୁ ନେବାରେ ଅସମର୍ଥ ହେବାରୁ ସ୍ୱୟଂ ଯମ ଦେବତା ଶେଷରେ ଆସି ପହଂଥିଲେ । ଯମ ଦେବତା ସତ୍ୟବାନଙ୍କ ପ୍ରାଣହୀନ ପିଣ୍ଡକୁ ନେଇ ସ୍ୱର୍ଗଲୋକ ଯାତ୍ରା ସମୟରେ ସାବିତ୍ରୀ ତାଙ୍କର ପଶ୍ଚାତ୍‌ଧାବନ କଲେ । ତାଙ୍କର ଅଦ୍ଭୁତ ପବିତ୍ରତା, ସଂକଳ୍ପଶକ୍ତି, ଏକାଗ୍ରତା ଯମରାଜାଙ୍କୁ ମଧ୍ୟ ବିସ୍ମିତ କରିଦେଇଥିଲା । ଆୟୁଷ ପୂରିଯାଇଥିବା ସତ୍ୟବାନଙ୍କ ଜୀବନ ଭିକ୍ଷା ବ୍ୟତୀତ ତିନୋଟି ବର ମାଗିବାକୁ ସେ ସାବତ୍ରୀଙ୍କୁ କହିଥିଲେ । ବେଳେବେଳେ ଏପରି ସମୟ ଆସେ ମନୁଷ୍ୟ ତ ଛାର, ଦେବତାମାନେ ମଧ୍ୟ କିଂକର୍ତବ୍ୟବିମୂଢ଼ ହୋଇ ନତି ସ୍ୱୀକାର କରିଥାନ୍ତି । ତାହାହିଁ ହୋଇଥିଲା । ମୃତ୍ୟୁର ଦେବତା ଯମରାଜ ପୁତ୍ର ସନ୍ତାନର ଜନନୀ ହେବା ବର ଯଚାରେ ସାବିତ୍ରୀ ୋରି ପାଇଥିଲେ ସତ୍ୟବାନଙ୍କ ଜୀବନ । ଭକ୍ତି ଓ ଦୃଢ଼ସଂକଳ୍ପ ବଳରେ ଅସମ୍ଭବ କିପରି ସମ୍ଭବ ହୋଇଥାଏ, ତା'ର ନିଦର୍ଶନ ରଖିଯାଇଛନ୍ତି ସାବିତ୍ରୀ ଯୁଗଯୁଗକୁ ।

*ଯଯାତି ଭବନ, ସେକ୍ଟର-୧୦,*
*ସିଡିଏ, କଟକ*




# ରାମନାଗୁଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ରାମନାଗୁଡା(ପି.ଏନ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟର ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ,ରାମନାଗୁଡା ବ୍ଲକ ଅଧକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ତତ୍ତ୍ୱାବଧାନ ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୨୩ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୧୬ଟି ବ୍ୟକ୍ତିଗତ, ୦୬ଟି ସାମୁହିକ, ଗୋଟିଏ ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା ।

ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦାମୋଦର ପାଣିଗ୍ରାହୀ, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅମୂଲ୍ୟ ଚିନ୍ନାର, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାମନାଗୁଡା ତହସିଲଦାର, ରାମନଗୁଡା ପ୍ରାଣ କୃଷ୍ଣ ପାଣିଗ୍ରାହୀ,ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର ଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରି ଅଭିଯୋଗ ମାନ ଶୁଣାଣୀ କରିଥିଲେ କ୍ଷଏହି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଶ୍ଚର୍ଯ୍ୟର କଥା ହେଲା ୨୩ ଗୋଟି ଅଭିଯୋଗ କାରୀଙ୍କ ମଧ୍ୟରୁ ଏପ୍ରିଲ ମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରେ ପଞ୍ଜିକରଣ କ୍ରମାଙ୍କ ସଂଖ୍ୟା ୨୧/୬୯୩ ରେ ରାୟଗଡା ଜିଲ୍ଲା ଗୁଣୁପୁର ର ଆଇନଜୀବୀ ହିମକାନ୍ତ ମହାପାତ୍ର ମଧ୍ୟ ଅଭିଯୋଗ କରିଥିଲେ ସେ ଗୁଣୁପୁର ମୌଜାର ଖାତା ନମ୍ବର ୩୨୧/୪୫୫୩,ପ୍ଲଟ ନମ୍ବର ୯୮୭/୧୭୨୦ ଓ ପ୍ଲଟ ନମ୍ବର ୯୮୫/୧/୧୭୧୯ ରେ ମୋଟ ଏକର ୦.୦୪ ସେ[ ଜମି କ୍ରୟ କରି ଘରବାରୀ କରିଛନ୍ତି ଘର ତିଆରି କରିବା ଉଦ୍ଦେଶ୍ୟରେ ଜମି ଚିହ୍ନଟ ମାମଲା ନମ୍ବର ୬୦/୧୬ ତା ୦୧:୦୭:୨୦୧୬ ରିଖ ରେ ସରକାରୀ ଫିଜ ଦାଖଲ କରି ଉକ୍ତ ଦିନ ଠାରୁ ଗୁଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆରମ୍ଭ କରି ତହସିଲଦାର, ଉପ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଜମି ଚିହ୍ନଟ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ବିଜେଡି ସରକାର ଠାରୁ ଆରମ୍ଭ କରି ଭାଜପା ସରକାର ପର୍ଯ୍ୟନ୍ତ ନିଜ ଜମି ଚିହ୍ନଟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିବା ଆଇନଜୀବୀ ହିମକାନ୍ତ ମହାପାତ୍ର କହିଛନ୍ତି ।ସେହିପରି ସେ ଜଣେ ପେଷାରେ ଆଇନଜୀବୀ ହୋଇଥିଲେ ମଧ୍ୟ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ ଆଜିକୁ ୯ ବର୍ଷ ଧରି ସଂଘର୍ଷ କରି କାହାକୁ ଗୁହାରି କରିଲେ ମଧ୍ୟ କେହି ଶୁଣୁ ନଥିବା ବେଳେ ଜଣେ ସାଧାରଣ ଲୋକ ର ଗୁହାରି କିପରି ସମାଧାନ ହେଉଥିବ ମୋ ଘଟଣା ରୁ ସହଜେ ଅନୁମେୟ ବୋଲି ଅଭିଯୋଗ କରିଛନ୍ତି । ଯଦି ଜମି ଚିହ୍ନଟ ସମ୍ପର୍କରେ ଆର ଆଇ କିମ୍ବା ତହସିଲଦାର ଙ୍କୁ କହିଲେ ପୁରୁଣା କଥା ଆମେ ଜାଣିନାହୁଁ ବୋଲି କହୁଥିବା ବେଳେ ଉକ୍ତ କେସ ରେକର୍ଡ ର ସାର୍ଟିଫାଇଡ଼ କପି ମାଗିଲେ ମଧ୍ୟ ରେକର୍ଡ ନାହିଁ ବୋଲି ଗୁଣୁପୁର ତହସିଲଦାର କହିଥିବା ଆଇନଜୀବୀ ଶ୍ରୀ ମହାପାତ୍ର କହିଛନ୍ତି । ଗୁଣୁପୁର ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ ପାଇଁ ଖାତାଦାର ଙ୍କୁ ସ୍କେଚ ମ୍ୟାପ ମାଗୁଛନ୍ତି କିନ୍ତୁ କାର୍ଯ୍ୟାଳୟ ରେ ଥିବା ମ୍ୟାପ କୁ ଖୋଜୁ ନାହାନ୍ତି ବୋଲି କହିଥିବା ବେଳେ ଜମି ଚିହ୍ନଟ ପାଇଁ ପୁରୁଣା ମାମଲା ଗୁଡିକ ପଡିରହିଥିବା ସ୍ଥଳେ ନୂତନ ଜମି ଚିହ୍ନଟ କିପରି ହେଉଛି ବୋଲି ଅଭିଯୋଗ କରିଛନ୍ତି ।ତେବେ ଆଇନଜୀବୀ ଶ୍ରୀ ହିମକାନ୍ତ ମହାପାତ୍ରଙ୍କ ଭଳି ଅନେକ ଅଭିଯୋଗ କାରୀଙ୍କ ଅଭିଯୋଗ ର କେବେ ସମାଧାନ ହେବ ତାହା ଦେଖିବାକୁ ବାକି ରହିଲା ।ଅନ୍ୟ ମାନଙ୍କ ମଧ୍ୟରେ ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ରାମନାଗୁଡା ଥାନା ଅଧିକାରୀ ସଦଳବଳେ ଘଟଣା ସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

# ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ପାରଳାଖେମଣ୍ଡି,(ପି.ଏନ): ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଡ଼ମ୍ବାଗୁଡା ଗ୍ରାମ ପଂଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ,ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା,ସମ୍ପନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଡ଼ମ୍ବାଗୁଡା ଗ୍ରାମ ପଂଚାୟତ ସମେତ ଅଡଭା, ଆଳିଗଣ୍ଡା ଓ ଡ଼ାମଡୁଆ ପଂଚାୟତର ସମୁଦାୟ ମୋଟ-୧୨୨ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୩୨ଗୋଟି,ଗ୍ରାମ ଭିତିକ ସମସ୍ୟା-୯୦ ଗୋଟି ଅଭିଯୋଗ ଆସିଥିଲା ଓ ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ମୋହନା ପଂଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ ରାଜୀବ ଶବର, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରାଜୀବ ଦାସ,ତହସିଲଦାର ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଓ ସ୍ଥାନୀୟ ସରପଂଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ଥିଲେ ।

# ‘ପଶ୍ଚିମ’ର ୱେବ ସିରିଜ ପାଇଁ ମେଗା ଅଡିସନ୍ ଅନୁଷ୍ଠିତ,୭୦ ଜଣ କଳାକାର ଯୋଗ ଦେଲେ



ସୁବର୍ଣ୍ଣପୁର, (ପି.ଏନ): ପଶ୍ଚିମ ଓଡିଶାର କଳା, ସଂସ୍କୃତି, ପରମ୍ପରା ଏବଂ ଦୈନନ୍ଦିନ ଘଟଣାବଳିକୁ ନେଇ ଖୁବ୍ ଶୀଘ୍ର ପଶ୍ଚିମ ମିଡିଆ ନେଟୱାର୍କ ପକ୍ଷରୁ ଏକ ଓଟିଟି ପ୍ଲାଟଫର୍ମ ଆରମ୍ଭ ହେବାକୁ ଯାଉଛି । ଓଡିଶାରେ ପ୍ରଥମ ଥର ପାଇଁ ଏହି ଓଟିଟି ପ୍ଲାଟଫର୍ମରେ ଉଭୟ ନ୍ୟୁଜ୍ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ ହେବ । ଏହି ସଂସ୍ଥାର ପ୍ରଥମ ପ୍ରଯୋଜନାରେ ପଶ୍ଚିମ ଓଡିଶାର ଗୋଟିଏ ନିଛକ କଥାବସ୍ତୁକୁ ନେଇ ଏକ ମେଗା ୱେବ ସିରିଜ୍ ନିର୍ମାଣ ହେବ । ଏହି ୱେବ ସିରିଜରେ ଅଭିନୟ ପାଇଁ ସୋନପୁର ବ୍ଲକ ଛକ ସ୍ଥିତ ରୟାଲ କନଭେନ୍ ?ସନ୍ ପରିସରରେ ଏକ ମେଗା ଅଡିସନ୍ ଅନୁଷ୍ଠିତ ହୋଇଛି । ଏହି ମେଗା ଅଡିସନ୍ କାର୍ଯ୍ୟକ୍ରମରେ ସମ୍ବଲପୁର, ବଲାଙ୍ଗିର, ସୋନପୁର, ବରଗଡ, ବୌଦ୍ଧ, କଳାହାଣ୍ଡି, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଆଦି ଜିଲ୍ଲାର ପ୍ରାୟ ୭୦ ଜଣ ବଛା ବଛା କଳାକାର ଯୋଗ ଦେଇ ନିଜ ନିଜ ଅଭିନୟର ଯାଦୁ ଦେଖାଇ ଥିଲେ । କଳାକାର ଚୟନ ବେଳେ ଏନ୍ଏସ୍ଡିଆନ ତଥା ବଲିଉଡ ଅଭିନେତା ଜଗନ୍ନାଥ ସେଠ ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ବିଚାରକ ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସୀ ପାଣିଗ୍ରାହୀ, ଡିଓପି ଗୋପାଳ ପ୍ରଧାନ, କଣ୍ଠଶିଳ୍ପୀ ପଙ୍କଜ ଜାଲ, ଅଭିନେତା ତଥା ସଂଳାପ ଲେଖକ ବବଲୁ ବାଘ,ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରୁ ସଂସ୍ଥାର ଚେୟାରମ୍ୟାନ ଶୁଭାଶିଷ ରଥ ଯୋଗ ଦେଇ କଳା ବଢ଼ିଲେ କଳାକାର ବଢ଼ିବ ବୋଲି କହିଥିଲେ । ପଶ୍ଚିମ ଓଡିଶାର ବିଭିନ୍ନ ଅଂଚଳରେ ବହୁ ପ୍ରତିଭାବାନ କଳାକାର ରହିଛନ୍ତି । ତାଙ୍କୁ ଲୋକ ଲୋଚନକୁ ଆଣି ଆର୍ଥିକ ସଚ୍ଛଳ କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ସଂସ୍ଥାର ନିର୍ଦ୍ଦେଶକ ଶିବରାମ ମହାପାତ୍ର, ସାମ୍ବାଦିକ ଗଣପତି ବାଘ, ଧରଣୀଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମକୁ ସିନେ ଅଭିନେତା ଜିତ୍ ଏବଂ ସୁଶୋଭିତା ସଂଚାଳନ କରିଥିଲେ । ମେଗା ଅଡିସନ୍ ଆୟୋଜନରେ ମନୋଜ ବାରିକ, ଦେବକୀନନ୍ଦନ ମିଶ୍ର,ବାସୁଦେବ ତ୍ରିପାଠୀ, ଅବକାଶ ମିଶ୍ର, କୌଶିକ୍,ନରେନ୍, ମାନଭଞ୍ଜନ ପୂଜାରୀ, ଗୋପାଳ ମହାକୁଡ, ନାରଦ ହାତୀ, ପ୍ରମୁଖ ସହଯୋଗ କରିଥିଲେ ।




# ନୂଆ -ଓ ଛାତ୍ରବୃତ୍ତିକୁ ପୁଣିଥରେ ଆରମ୍ଭ କରିବା ଦାବି ରଖି ଆଜି ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଗଠନ




ଧର୍ମଗଡ଼:-୧୫।୭(ପି.ଏନ): କଳାହାଣ୍ଡି ଛାତ୍ର ସଂଘ ଏବଂ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ଅନୁବନ୍ଧିତ କଲେଜର ସମସ୍ତ ଛାତ୍ରଛାତ୍ରୀ କଲେଜ ମୁଖ୍ୟ ଫାଟକ ବନ୍ଦ କରି ଧାରଣାରେ ବସିଥିଲେ। ପୂର୍ବ ସରକାର ସମୟରେ ଓଡ଼ିଶାରେ ଉଚ୍ଚଶିକ୍ଷା ରୁପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀ ମାନଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ 'ନୂଆ -ଓ ଛାତ୍ରବୃତ୍ତି' ଆରମ୍ଭ କରିଥିଲେ। ଏହି ଯୋଜନାରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସମସ୍ତ ସରକାରୀ କଲେଜ, ଅନୁଦାନ ପ୍ରାପ୍ତ କଲେଜ ଏବଂ ବିଶେଷ କରି ସାମ୍ସ (ଷଇଗଷ) ପୋର୍ଟାଲ ମାଧମରେ ପ୍ରବେଶ ନେଇଥିବା ବେସରକାରୀ କଲେଜମାନଙ୍କ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ର ଛାତ୍ରୀମାନେ ଏହି ଯୋଜନାରେ ଛାତ୍ର ବୃତ୍ତି ପାଉଥିଲେ। ଏହି ଯୋଜନାରେ ଓଡ଼ିଶାର ୫ଲକ୍ଷ ୮୦ ହଜାର ଛାତ୍ର ଛାତ୍ରୀ ନୂଆ- ଓ ସ୍କ ?ଲାର୍ସିପ ଜରିଆରେ ଆର୍ଥିକ ସହାୟତା ପାଉଥିଲେ। ଛାତ୍ର ମାନେ ୧୦ହଜାର ଏବଂ ଛାତ୍ରୀମାନେ ୧୧ ହଜାର ପାଉଥିଲେ । ଗରିବ ଓ ମଧ୍ୟବିତ୍ତ ପରିବାରର ଛାତ୍ର-ଛାତ୍ରୀ ଅନେକାଂଶରେ ଏଥିରେ ଉପକୃତ ହୋଇ ପାରୁଥିଲେ । ଏଣୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଳପତିଙ୍କ ଜରିଆରେ ଏକ ଦାବିପତ୍ର ଛାତ୍ରଛାତ୍ରୀ ଦ୍ୱାରା ପ୍ରଦାନ କରାଯାଇଥିଲା । ଦାବିପତ୍ରରେ ଉଚ୍ଚ ଶିକ୍ଷା କ୍ଷେତ୍ରକୁ ଆହୁରି ସଶକ୍ତ କରିବା ପାଇଁ ନୂଆ ଓ ଛାତ୍ର ବୃତ୍ତି କିମ୍ବା ନୂତନ ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଆମେ ଦାବି କରାଯାଇଛି । ଏହା ସହିତ ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାର ଯଦି ଛାତ୍ର ବୃତ୍ତି ଦେବା ପାଇଁ ପୁନଃ ନିଷ୍ପତ୍ତି ନେବେ, ତାହେଲେ ଛାତ୍ର ଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ଆର୍ଥିକ ପ୍ରତିବନ୍ଧକକୁ ଅନେକାଂଶରେ ଏଡାଇବାରେ ସରକାର ସକ୍ଷମ ହୋଇପାରିବେ ବୋଲି ଛାତ୍ର ନେତା ମାନେ କହିଛନ୍ତି । ଯଦି ଦାବୀ ଏକ ମାସ ଭିତରେ ପୂରଣ ନହେଲେ ଆଗାମୀ ଦିନରେ ଆମରଣ ଅନଶନ କରିବା ପାଇଁ ବାଧ ହେବେ ବୋଲି ଛାତ୍ର ଛାତ୍ରୀ ଚେତାବନୀ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଛାତ୍ର ନେତା ଉମାକାନ୍ତ ନିଆଲ, ପୂର୍ବତନ ଛାତ୍ର ସଂସଦ ସଭାପତି ଅଜିତ ସାହୁ, ଚୈତନ୍ୟ ବାଗ, ଲିଙ୍କନ ବାଗ, ଆଶୁତୋଷ ପୁଜାରୀ , ମାନସ ରଞ୍ଜନ ସିନ୍ଦୂର, ସୌରଭ ମିଶ୍ର, ଲକ୍ଷ୍ମୀ କାନ୍ତ ସରାଫ, ଅଭିନବ ପଟ୍ଟନାୟକ, ଲୋକେଶ ବିଶି, ଆକାଶ ପଟ୍ଟନାୟକ, ରୋହନ ମହାପାତ୍ର , ଚ୍ନ୍ଦ୍ରମଣି ଗୋପାଳ, ହିମାଂଶୁ ଭୋଇ,ଅଭିନବ ପଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ବାୟର ପକ୍ଷରୁ ଧାନ ଫସଲ ପାଇଁ ଫେଲୁଜିତର ଶୁଭାରମ୍ଭ

ସମ୍ବଲପୁର,(ପି.ଏନ) : ଏକ ଆନ୍ତର୍ଜାତୀୟ ଉଦ୍ୟୋଗ, ବାୟର ପକ୍ଷରୁ ଏକ ଅଭିନବ ଫଙ୍ଗିସାଇଡ ଫେଲୁଜିତର ଶୁଭାରମ୍ଭ କରାଯାଇଛି ଯାହାକୁ ଧାନ ଫସଲରେ ପତ୍ରଛଦା ପୋଡ଼ା ରୋଗ(ସିଥ୍ ବ୍ଲାଇଟ) ବିରୋଧରେ ଗଛର ସମସ୍ତ ଅଂଶକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଉତ୍ପାଦ ଚଳିତ ଜୁଲାଇ ମାସରୁ ଦେଶର ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟଗୁଡିକରେ ଉପଲବ୍ଧ ହେବ। କୀଟ ଓ ରୋଗଗୁଡିକର ବଢୁଥିବା ବିପଦ ସହିତ କୃଷି କ୍ଷେତ୍ର ସଂଘର୍ଷ କରୁଥିବା ବେଳେ ଏହାର ସମାଧାନ ପାଇଁ ଫେଲୁଜିତ, ପେନଫ୍ଲୁଫେନ ଓ ଟେବୁକୋନାଜୋଲକୁ ମିଶ୍ରଣ କରିଛି। ଏହା ପ୍ରୟୋଗ ପରେ ଗଛର ସମ୍ପୂର୍ଣ୍ଣ ଅଂଶରେ ନିଜର ଦ୍ୱୈତ କାର୍ଯ୍ୟଦକ୍ଷତା ମାଧ୍ୟମରେ ସିଥ୍ ବ୍ଲାଇଟର ବୃଦ୍ଧିକୁ ପ୍ରଭାବୀ ରୂପେ ରୋକିଥାଏ, ଯାହା ଚାଷୀମାନଙ୍କୁ ଫସଲ ଅମଳ ଓ ଗୁଣବତାକୁ ଉନ୍ନତ କରୁଥିବା ଏକ ନିର୍ଭରଯୋଗ୍ୟ ସମାଧାନ ପ୍ରଦାନ କରୁଛି। ଫେଲୁଜିତର ଗୋଟିଏ ସିଂଚନ ଉତ୍କୃଷ୍ଟ ଦକ୍ଷତା ପ୍ରଦାନ କରିଥାଏ ଯାହା ବର୍ତ୍ତମାନର ବଜାର ମାନକଠାରୁ ଦୁଇ ଗୁଣ ଅଧିକ ସମୟ କାର୍ଯ୍ୟକ୍ଷମ ରହିଥାଏ। ଏହାର ଅର୍ଥ ହେଉଛି କୃଷକମାନଙ୍କୁ ଏକାଧିକ ଥର ଏହାକୁ ପ୍ରୟୋଗ କରିବାର ଆବଶ୍ୟକତା ନାହିଁ ଯାହା ଉଭୟ ସମୟ ଓ ଶ୍ରମ ଖର୍ଚ୍ଚ ହ୍ରାସ କରିବ।ଏସମ୍ପର୍କରେ ଭାରତ, ବାଂଲାଦେଶ ଓ ଶ୍ରୀଲଙ୍କାରେ ବାୟରର କ୍ରପ ସାଇନ୍ସ ଡିଭିଜନର କ୍ଲଷ୍ଟର କମର୍ସିଆଲ ଲିଡ ମୋହନ ବାବୁ କହିଛନ୍ତି, 'ଫେଲୁଜିତ ହେଉଛି କୃଷକଙ୍କ ପାଇଁ ଏକ ଅତ୍ୟଧିକ ପ୍ରଭାବଶାଳୀ ସମାଧାନ ଯାହା ସିଥ୍ ବ୍ଲାଇଟ ଉପରେ ଚମତ୍କାର ନିୟନ୍ତ୍ରଣ ପ୍ରଦାନ କରିଥାଏ ଏବଂ କୃଷକଙ୍କ କୃଷି ଅଭ୍ୟାସଗୁଡିକୁ ଶୃଙ୍ଖଳିତ କରିଥାଏ। ବିଶ୍ୱ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଆମର ଉଦ୍ଭାବନ କୃଷକଙ୍କୁ କମ୍ ପ୍ରୟୋଗ ସହିତ ପ୍ରଭାବୀ ରୂପେ ରୋଗ ପରିଚାଳନା କରିବା, ନିଜର ସଂଶାଧନକୁ ଉନ୍ନତ କରିବା ଏବଂ ବର୍ଦ୍ଧିତ କୃଷି ଆହ୍ୱାନ ମଧ୍ୟରେ ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ ସଶକ୍ତ କରିଥାଏ।' ଏହି ଅଭିନବ ପଦ୍ଧତି କେବଳ ପ୍ରଭାବୀ ନିୟନ୍ତ୍ରଣ ନିଶ୍ଚିତ କରିନଥାଏ ବରଂ ପ୍ରୟୋଗର ଦକ୍ଷତାକୁ ବୃଦ୍ଧି କରି ସ୍ଥାୟୀ କୃଷି ଅଭ୍ୟାସଗୁଡିକୁ ସମର୍ଥନ କରିଥାଏ। ଦୁଇଟି ସୁବିଧାଜନକ ଆକାର ୩୨୦ ଏମଏଲ ଓ ୧ ଲିଟରରେ ଉପଲବ୍ଧ ଫେଲୁଜିତ ସିଥ୍ ବ୍ଲାଇଟ ବିରୋଧି ଲଢେଇରେ ଏକ ଜରୁରୀ ଟୁଲରେ ପରିଣତ ହେବା ପାଇଁ ପ୍ରସ୍ତୁତ ରହିଛି।

# କଲେଜ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଡ୍ରେସ୍‌କୋଡ ଲାଗୁ ନହେବା କାହା ସ୍ୱାର୍ଥରେ

ମାହାଙ୍ଗା ,(ପି.ଏନ): ରାଜ୍ୟସରକାର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ଡ୍ରେସ୍‌କୋଡ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ଏପରିକି ପ୍ରତ୍ୟେକ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଡ୍ରେସ୍‌କୋଡ୍ ବ୍ୟବସ୍ଥା ରହିଛି। ହେଲେ ମହାବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ପ୍ରାଧ୍ୟାପକ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ପାଇଁ ଡ୍ରେସ୍‌କୋଡ୍ ଲାଗୁ କରାଯାଇ ନାହିଁ। ଶିକ୍ଷାଦାନ ସମୟରେ ଅଧ୍ୟାପକ/ଅଧ୍ୟାପିକାମାନେ ରଙ୍ଗିନ୍ ପୋଷାକ ଓ ଶାଢ଼ୀ ପିନ୍ଧି କଲେଜକୁ ଆସିବା କେତେଦୂର ଗ୍ରହଣୀୟ। ଏଣୁ ରାଜ୍ୟସରକାର ତୁରନ୍ତ ରାଜ୍ୟରେ ଥିବା ସମସ୍ତ ମହାବିଦ୍ୟାଳୟ ଗୁଡିକର ଅଧ୍ୟାପକ/ଅଧ୍ୟାପିକାମାନଙ୍କ ପାଇଁ ଡ୍ରେସ୍‌କୋଡ୍ ବ୍ୟବସ୍ଥା ଲାଗୁ କରିବା ସହ ପ୍ରତ୍ୟେକ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଦିଆଯାଉଥିବା ଯୌନ ନିର୍ଯ୍ୟାତନା କିମ୍ବା ମାନସିକ ନିର୍ଯ୍ୟାତନା ସଂପର୍କରେ ଉଚ୍ଚକ ୍ର ପକ୍ଷଙ୍କୁ ଅବଗତ କରିବା ନିମନ୍ତେ କ ୍ର ପକ୍ଷଙ୍କ ଲୋଟଫ୍ରି ନମ୍ବର ଲେଖାଯିବା ସହ ଅଭିଯୋଗ ବାକ୍ସ ଲଗାଯିବା ଏବଂ ସିସିଟିଭି କ୍ୟାମେରା ପ୍ରତ୍ୟେକ ଶ୍ରେଣୀ ଗୃହରେ ଲଗାଇବା ଏପରିକି ମହାବିଦ୍ୟାଳୟ ମାନଙ୍କରେ ବାୟୋମେଟ୍ରିକ ଉପସ୍ଥାପନ ଯନ୍ତ୍ର ଲଗାଇବା ପାଇଁ ମାହାଙ୍ଗା ଅଂଚଳର ବୁଦ୍ଧିଜୀବି ମହଲରେ ସାଧାରଣରେ ରାଜ୍ୟସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ମନସା ଚାରିଟେବୁଲ୍ ଟ୍ରଷ୍ଟ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ହେବ ମେଗା ରକ୍ତଦାନ ଶିବିର

ପାରାଦୀପ,(ପି.ଏନ): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମନସା ଚାରିଟେବୁଲ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଳନ ଅବସରରେ ଆସ'। ୧୯ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଛି ମେଗା ରକ୍ତଦାନ ଶିବିର। ଜୀବନ ପାଇଁ ଅମୂଲ୍ୟ ଉପହାର ଦେବା ଚଳିତ ବର୍ଷ ଏହା ରହିଛି ଟ୍ରଷ୍ଟର ଆହ୍ୱାନ । ଆସ'। ୧୯ ତାରିଖ ଶନିବାର ଦିନ ପାରାଦୀପ ମହାବିଦ୍ୟାଳୟ ପରିସରରେ ଏହି ରକ୍ତଦାନ ଶିବିର ଆନୁଷ୍ଠିତ ହେବ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ତଥା ସମାଜସେବୀ ମୃତ୍ୟୁଂଜୟ ମିଶ୍ର ସୂଚନା ଦେଇଛନ୍ତି । ବିଗତ ବର୍ଷମାନଙ୍କରେ ଟ୍ରଷ୍ଟ ପକ୍ଷରୁ ଏହି ଭଳି ରକ୍ତଦାନ ଶିବିର ଆୟୋଜନ କରି ମନସା ଚାରିଟେବୁଲ୍ ଟ୍ରଷ୍ଟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଛି । ଚଳିତ ବର୍ଷର ଆହ୍ୱାନ ଜୀବନ ପାଇଁ ଅମୂଲ୍ୟ ଉପହାର ଦେବା ଲକ୍ଷ୍ୟକୁ ସଫଳ କରିବା ପାଇଁ ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କ ସମେତ ଟ୍ରଷ୍ଟର ସଦସ୍ୟମାନେ ଜେରଦାର ଉଦ୍ୟମ ଜାରି ରଖିଛନ୍ତି । ପାରାଦୀପ ଅଂଚଳର ସ୍ୱେଚ୍ଛାକୃତ ରକ୍ତଦାତାମାନେ ଏହି ଶିବିରରେ ଯୋଗ ଦେଇ ରକ୍ତଦାନ ଶିବିରକୁ ସଫଳ କରିବା ପାଇଁ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ମିଶ୍ର ଆହ୍ୱାନ ଜଣାଇଛନ୍ତି । ପ୍ରକାଶଥାଉକି, ମନସା ଚାରିଟେବୁଲ୍ ଟ୍ରଷ୍ଟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କ ପାଖରେ ପହଂଚି ଖାଦ୍ୟ, ବସ୍ତ୍ର ଯୋଗାଇ ଦେବା ସହିତ ଜରାଶ୍ରମର ଅ'ବାସୀଙ୍କୁ ରାସନ ଦେଇ ବହୁ ପ୍ରଶଂସିତ ହୋଇଛି । ଏଥି ସହିତ ରାସ୍ତା କଡରେ ଜୀବନ ବିତାଉଥିବା ଲୋକମାନଙ୍କ ନିକଟରେ ଦୈନିକ ରନ୍ଧାଖାଦ୍ୟ ଯୋଗାଇ ଦେବା କାର୍ଯ୍ୟ ଜାରି ରହିଛି । ଯାହାକୁ ନେଇ ସାଧାରଣରେ ଟ୍ରଷ୍ଟର କାର୍ଯ୍ୟ ସହିତ ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କୁ ବିଭିନ୍ନ ସାମାଜିକ ଓ ଗଣ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଛି । ଏହାକୁ ପାଥେୟ କରି ଆଗାମୀ ଦିନରେ ଏହି ଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରି ରହିବ ବୋଲି ଅଧ୍ୟକ୍ଷ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବୀରେ ଛାତ୍ର କଂଗ୍ରେସ୍‌ର ପାରାଦୀପ ମହାବିଦ୍ୟାଳୟ ଆଗରେ ବିକ୍ଷୋଭ



ପାରାଦୀପ,(ପି.ଏନ): ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣା ପ୍ରତିବାଦରେ ଛାତ୍ର କଂଗ୍ରେସ୍ ପକ୍ଷରୁ ମଙ୍ଗଳବାର ଦିନ ପାରାଦୀପ ମହାବିଦ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମୃତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବା ସହିତ ଘଟଣା ପଛରେ ସଂପୃକ୍ତି ଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ ଛାତ୍ର ନେତାମାନେ । ନ୍ୟାୟ ପାଇଁ ସୌମ୍ୟାଶ୍ରୀ ବାରମ୍ବାର ନିବେଦନ କରିଥିଲେବି କେହି ତାଙ୍କ କଥା ଶୁଣି ନଥିଲେ ଏଥିରେ ହତୋତ୍ସାହିତ ହୋଇ ସୌମ୍ୟାଶ୍ରୀ ଆତ୍ମାହୂତି ଦେଇଥିଲେ । ଏହି ଘଟଣା ପାଇଁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିଥିଲେ ଛାତ୍ର କଂଗ୍ରେସ୍ ରାଜ୍ୟ ସମ୍ପାଦକ ସୌମ୍ୟରଂଜନ ରାଉତ ଓ ରଶ୍ମିରଂଜନ ପରିଡା । ଏଥି ସହିତ ସେମାନଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସ୍ ନେତା ରାକେଶ ମହାପାତ୍ର, ଜନ୍ମେଜୟ ମଲ୍ଲିକ, ଅଦିତ୍ୟ ପ୍ରସାଦ ମଲ୍ଲିକ, ଆଦିତ୍ୟ ପାତ୍ର, ସମୀର ବାରିକ, ଟୁନା ବାରିକ, ସତ୍ୟଜିତ ପାତ୍ର, ସ୍ମିତିରଂଜନ, ସୁବ୍ରତ ବେହେରା, ପ୍ରକାଶ ଜେନା ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ । ଏହି ଅବସରରେ ଛାତ୍ରମାନଙ୍କ ଏକ ଶୋଭାଯାତ୍ରା ବାହାରି କଲେଜ ପର୍ଯ୍ୟ' ଯାଇଥିଲା । ସରକାର ଟାଳଟୁଳ ନିତି ବନ୍ଦ କରି ତୁର' ମୃତା ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେଲେ ତାଙ୍କ ଆତ୍ମାର ସଦଗତି ହେବ ବୋଲି ଛାତ୍ରନେତାମାନେ କହିଥିଲେ ।

# ପୁରୀ ରଥଯାତ୍ରା ୨୦୨୫ରେ ପ୍ଲାଷ୍ଟିକ ସର୍କୁଲାରିଟିକୁ ପରିଚାଳନା କରିବା ପାଇଁ ବିସ୍‌ଲେରୀର 'ବଟଲ୍ସ ଫର ଚେଞ୍ଜ'

ପୁରୀ,(ପି.ଏନ) : ଭାରତର ଅଗ୍ରଣୀ ପ୍ୟାକେଜ୍ ?ଡ ଡ୍ରିଙ୍କିଙ୍ଗ ୱାଟର ବ୍ରାଣ୍ଡ ବିସ୍‌ଲେରୀ ଇଂଟରନ୍ୟାଶନାଲ ପ୍ରାଇଭେଟ ଲିମିଟେଡ ଏହାର ପ୍ରମୁଖ ସ୍ଥାୟିତ୍ୱ ଅଭିଯାନ ବଟଲ୍ସ ଫର ଚେଞ୍ଜ (ବିଏଫସି) ଅଧିନରେ ଭାରତର ଅନ୍ୟତମ ସର୍ବବୃହତ ଧାର୍ମିକ ସମାବେଶ ପୁରୀ ରଥଯାତ୍ରା ୨୦୨୫ ସମୟରେ ଏକ ଏଣ୍ଡ-ଟୁ-ଏଣ୍ଡ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ପଦକ୍ଷେପକୁ କାର୍ଯ୍ୟକାରୀ କରିଛି । ଏହି ପଦକ୍ଷେପକୁ ପୁରୀ ପୌରପାଳିକା ନିଗମ ଓ ଜିଲ୍ଲା ପ୍ରଶାସନ ସହ ସହଭାଗିତାରେ ପରିଚାଳନା କରାଯାଇଛି । ଏହା ଏକ ସମୁଦାୟ-କେନ୍ଦ୍ରିତ ପଦ୍ଧତି ନିୟୋଜିତ କରି ଦାୟିତ୍ୱପୂର୍ଣ୍ଣ ପ୍ଲାଷ୍ଟିକ ବ୍ୟବହାର, ସଂଗ୍ରହ ଓ ରିସାଇକ୍ଲିଙ୍ଗକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଉଛି ।ଏହି ପଦକ୍ଷେପର ଅଂଶ ଭାବେ ତୀର୍ଥଯାତ୍ରୀ ଓ ପରିଦର୍ଶକମାନଙ୍କୁ ପ୍ଲାଷ୍ଟିକ୍ ?କୁ ଦାୟିତ୍ୱପୂର୍ଣ୍ଣ ଭାବେ ନିଷ୍କାସିତ କରିବା ପାଇଁ ପ୍ରୋତ୍ସାହିତ କରିବା ଲାଗି ପ୍ଲାଷ୍ଟିକ ସଂଗ୍ରହ ବିନ୍‌ଗୁଡିକୁ ରଣନୈତିକ ଉପାୟରେ ରଥଯାତ୍ରା ମାର୍ଗ ସମେତ ଅଧିକ ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ସ୍ଥାପିତ କରାଯାଇଥିଲା । ଏହି ଅଭିଯାନ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁଗୁଡିକର ସଂଗ୍ରହ ଓ ଏକତ୍ରିକରଣ କାର୍ଯ୍ୟ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ ?ଏଚ୍‌ଜି) ସଦସ୍ୟମାନଙ୍କୁ ନିୟୋଜିତ କରାଯାଇଥିଲା । ସମସ୍ତ ସଂଗୃହୀତ ପ୍ଲାଷ୍ଟିକକୁ ସର୍ଟିଂ, ପ୍ରୋସେସିଂ ପାଇଁ ଏକ ନିର୍ଦ୍ଦିଷ୍ଟ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି(ଏମଆରଏଫ)କୁ ଏବଂ ପରବର୍ତ୍ତୀ ସମୟରେ ରିସାଇକ୍ଲିଙ୍ଗ ଫ୍ୟାସିଲିଟିକୁ ପରିବହନ କରାଯାଇଥିଲା, ଯାହା କୌଣସି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଯେପରି ଲ୍ୟାଣ୍ଡଫିଲ୍ସରେ ନପଡେ ତାହା ନିଶ୍ଚିତ କରୁଛି ।ଏହି ଅଭିଯାନ ସମ୍ପର୍କରେ ବିସ୍ ?ଲେରୀ ଇଂଟରନ୍ୟାଶନାଲ ପ୍ରାଇଭେଟ ଲିମିଟେଡର ସଷ୍ଟେନାବିଲିଟି ଆଣ୍ଡ କର୍ପୋରେଟ ଆଫାୟାର୍ସ ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ କେ.ଗଣେଶ କହିଛନ୍ତି, "ପୁରୀ ରଥଯାତ୍ରା ପରିବେଶୀୟ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବଡ ସୁଯୋଗ ଉପସ୍ଥାପନ କରିଛି । ଆମର ବଟଲ୍ସ ଫର ଚେଞ୍ଜ ଅଭିଯାନ ମାଧ୍ୟମରେ ଆମେ ଡଷ୍ଟବିନ ସ୍ଥାପନ କରିବାଠାରୁ ଆରମ୍ଭ କରି ସମୁଦାୟ ସମ୍ପୃକ୍ତି, ସାମଗ୍ରୀ ପୁନରୁଦ୍ଧାର ଓ କାର୍ଯ୍ୟକ୍ରମ ପରବର୍ତ୍ତୀ ସଫେଇ ପର୍ଯ୍ୟନ୍ତ ସ୍ଥାୟୀ ଅଭ୍ୟାସଗୁଡିକୁ ସମନ୍ୱିତ କରି ଯାତ୍ରାରେ ସହଯୋଗ କରିଥିବାରୁ ଗର୍ବିତ ଅନୁଭବ କରୁଛୁ । ଆମର ପ୍ରୟାସଗୁଡିକର ଲକ୍ଷ୍ୟ ହେଉଛି ଉତ୍ସବଗୁଡିକ ଯେପରି ଉଭୟ ଆନନ୍ଦଦାୟକ ଓ ପରିବେଶ ଦୃଷ୍ଟିରୁ ସଚେତନପୂର୍ଣ୍ଣ ହେବ ତାହା ନିଶ୍ଚିତ କରିବା ।"ଏହାବ୍ୟତୀତ ସ୍ୱଚ୍ଛତା ନିଶ୍ଚିତ କରିବା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ପାଇଁ ବିସ୍‌ଲେରୀ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କ ସହ ସହଯୋଗିତାରେ ରଥଯାତ୍ରା ସମାରୋହ ପରେ ଦୁଇଟି ବୃହତ ସ୍ତରର ସଫେଇ ଅଭିଯାନ ପରିଚାଳନା କରାଯିବ, ଯାହା ସହଭାଗୀ ନାଗରିକ ଦାୟିତ୍ୱ ଓ ସାମୂହିକ ଜଳବାୟୁ ପଦକ୍ଷେପର ମୂଲ୍ୟବୋଧକୁ ସୁଦୃଢ଼ କରିବ । ପୁରୀରେ ଏହି କ୍ୟାମ୍ପେନ ପୂର୍ବ ଭାରତରେ ବିସ୍‌ଲେରୀର ବଟଲ୍ସ ଫର ଚେଞ୍ଜ ପଦକ୍ଷେପର ଅଂଶ ଅଟେ ଏବଂ ପ୍ଲାଷ୍ଟିକ ସର୍କୁଲାରିଟିକୁ ଏକ ସମୁଦାୟ-ପରିଚାଳିତ ଆନ୍ଦୋଳନରେ ପରିଣତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ବିଏଫସି ପଦକ୍ଷେପ ପ୍ଲାଷ୍ଟିକ ରିସାଇକ୍ଲିଙ୍ଗକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଉଛି, ଯେଉଁଥିରେ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏମଆରଏଫ) ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ବିସ୍ ?ଲେରୀ ହରଭାଲେମ (ଗୋଆ), ତିରୁଭଲ୍ଲୁର ମ୍ୟୁନିସିପାଲ କର୍ପ ?ାରେଶନ ଓ ଏସଆରଏମ ୟୁନିଭର୍ସିଟି (ଚେନ୍ନାଇ), ରଣଥାମ୍ଭୋର ନ୍ୟାଶନାଲ ପାର୍କ (ସୱାଇ ମାଧପୁର) ଓ କେ ଇଷ୍ଟ ୱାର୍ଡ (ମୁମ୍ବାଇ) ସମେତ ଭାରତବ୍ୟାପୀ ଏହି ଏମ୍ ?ଆରଏଫଗୁଡିକୁ ସ୍ଥାପନ କରିଛି । ବେଂଚ୍ ଅଫ୍ ଡ୍ରିମ୍ ?ସ ପଦକ୍ଷେପ ସହିତ ଏହି ଏମଆରଏଫଗୁଡିକ ବର୍ଜ୍ୟବସ୍ତୁର ପରିବେଶୀୟ ପ୍ରଭାବ ହ୍ରାସ କରି ଏବଂ ସ୍ଥାୟୀ ବ୍ୟବହାର ଢାଂଚା ବିକଶିତ କରି ଏକ ଚକ୍ରୀୟ ଅର୍ଥନୀତି ନିର୍ମାଣ କରିବା ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray